# Akashvani, Sambalpur

## SAMBALPURI NEWS EVENING BULLETIN

**11 January 2025- 7.02 pm- 7.12 pm.**

*********************************************

୧- ଜାତୀୟ ଯୁବ ଦିବସ୍ ଅବ୍‌ସରେ ଆଏବା କାଏଲ୍ 'ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ବାର୍ତ୍ତାଳାପ'ଥି ଯୋଗ୍ ଦେବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ନ୍ୟାୟ ବ୍ୟବସ୍ଥା ଆର୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି କାମ୍ କରୁଛନ୍ ସର୍‌କାର୍ - କହେଲେ ମୁଖ୍ୟମନ୍ତ୍ରୀ ।

- ଉଦ୍‌ଘାଟିତ୍ ହେଲା ହାଇକୋର୍ଟର ନ୍ୟାୟିକ ଅଭିଲେଖାଗାର କେନ୍ଦ୍ର ।

୩- ସୁଭଦ୍ରା ଯୋଜ୍‌ନାନୁ ଭୁଲ୍‌ଥି ବାଦ୍ ପଡ଼ିଥିବା ହିତାଧିକାରୀମାନେ ଫେର୍ ହେଇପାର୍‌ବେ ସାମିଲ୍ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ ହାଇଦ୍ରାବାଦ୍ ତୋଫାନ୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ଚାଲିଛେ ମେଚ୍ ।

ଜାତୀୟ ଯୁବ ଉତ୍ସବ୍       ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ 'ବିକଶିତ ଭାରତ୍ : ଯୁବ ନେତୃତ୍ୱ ବାର୍ତାଲାପ' କାର୍ଯ୍ୟକ୍ରମ୍‌ଥି ଦେଶର୍ ଯୁଆନ୍ ପିଲାଟୁକେଲ୍‌ମାନ୍‌କର୍ ସାଙ୍ଗେ ସିଧାସଲଖ୍ ଭାବ୍ ବିନିମୟ କର୍‌ବେ । କେନ୍ଦ୍ର ଯୁବ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଚାଲିଥିବା ଜାତୀୟ ଯୁବ ଉତ୍ସବ୍ -୨୦୨୫ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ବିକଶିତ୍ ଭାରତ୍‌କେ ନେଇକରି ୩ ହଜାର୍ ଯୁଆନ୍ ପିଲାଟୁକେଲ୍‌ମାନ୍‌କର୍ ଲକ୍ଷ୍ୟ ବାବ୍‌ଦେ ବୁଝ୍‌ବେ । ଇ ଅବ୍‌ସରେ ପ୍ରତିଯୋଗୀମାନେ ୧୦ଟା ବିଷେଥି  ଲେଖିଥିବା ସବୁନୁ ଭଲ୍ ପ୍ରବନ୍ଧ ସଂକଲନ୍‌କେ ପ୍ରଧାନ୍‌ମନ୍ତ୍ରୀ ଉନ୍ମୋଚନ୍ କର୍‌ବେ ।

ଇ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍, ଦେଶର୍ ଅଏତ୍‌କାନୁ ଅଏତ୍‌କା ଯୁଆନ୍ ପିଲାଟୁକେଲ୍ ରାଷ୍ଟ୍ର ନିର୍ମାଣ୍‌ର ନେତୃତ୍ୱ ନଉନ୍ । ଇ ଦିଗେ ସବୁବେଲେ ସର୍‌କାର୍ ଚେରେଷ୍ଟା ଚଲେଇଛନ୍ । ଇ କାର୍ଯ୍ୟକ୍ରମ୍ ଲାଗି ଯୁବପିଢ଼ିଙ୍କର୍ ଉତ୍ସାହ ଦେଖିକରି ସେମାନ୍‌କର୍ ସାଙ୍ଗେ କଥାବାର୍ତା କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଉତ୍ସୁକ୍ ଅଛନ୍ ବଲି କହିଛନ୍ ।

ନ୍ୟାୟିକ୍ ଅଭିଲେଖାଗାର୍ କେନ୍ଦ୍ର-ମୁଖ୍ୟମନ୍ତ୍ରୀ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ କଟକ ହାଇକୋର୍ଟରେ ନ୍ୟାୟିକ୍ ଅଭିଲେଖାଗାର୍ କେନ୍ଦ୍ର ଉଦ୍‌ଘାଟନ୍ କରିଛନ୍ । ଇ ଉଧେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ୩୯ କୋଟି ଟଙ୍କାଥି ତିଆର୍ ହେଇଥିବା ଇ କେନ୍ଦ୍ର ଆମର୍ ଆଇନ୍ ବ୍ୟବସ୍ଥାର୍ ଗୁଟେ ବର୍‌କସ୍ ଐତିହ୍ୟର୍ ଭଣ୍ଡାର ଭାବେ କାମ୍ କର୍‌ବା । ଯେନ୍‌ଟାକି ଓଡ଼ିଶା ସହେତେ ଭାରତର୍ ଆଇନ୍‌ଗତ ଦୃଶ୍ୟପଟକେ ଚିରସ୍ଥାୟୀ କର୍‌ବା ଆର୍ ଅତିତ୍ ଆଉ ଭବିଷ୍ୟତ୍ ଭିତ୍‌ରେ ସେତୁ ବାଗିର୍ କାମ୍ କର୍‌ବା । ହେନ୍ତା ଦେଶର୍ ନ୍ୟାୟିକ ଶିକ୍ଷା ଲାଗି ଇଟା ଗୁଟେ ପ୍ରେରଣା ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ନ୍ୟାୟ ପାଲିକାର୍ ସଂସ୍କାର୍ ଆର୍ ଉନ୍ନତି ଆମର୍ ସରକାର୍‌ଙ୍କ ପ୍ରତିଶ୍ରୁତି ବଲି ଭିଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ କହିଛନ୍ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ କହିଛନ୍, ଇ ଅଭିଲେଖାଗାର ଇତିହାସ୍‌କେ ସାଇତି ରଖ୍‌ବାର୍ ଲାଗି ଭବିଷ୍ୟତ ପିଢ଼ିଙ୍କର୍ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ଅଭିଲେଖାଗାର ନ୍ୟାୟ ଦେବାର୍ ଆର୍ ଆଇନ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ ।

ସୁଭଦ୍ରା ଯୋଜ୍ନା I&PR

ସୁଭଦ୍ରା ଯୋଜ୍ନାନୁ ଭୁଲ୍ଥି ବାଦ୍ ପଡ଼ିଥିବା ହିତାଧିକାରୀମାନେ ଫେର୍ଘାଏ ନିଜର ନାଁ ଜୁଡ଼ି ପାର୍ବେ । ଇଥିର୍ଲାଗି "ଅପ୍ସନ୍ ଇନ୍" ଜରିଏ ଆଉଥରେ ପଂଜିକରଣ କରିପାର୍ବେ ବଲି ମହିଲା ଆର୍ ଶିଶୁ ବିକାଶ ବିଭାଗ୍ ତର୍ଫୁ କୁହାଯାଇଛେ । ସୁଭଦ୍ରା ପୋର୍ଟାଲ୍ଥି ଇ ବ୍ୟବସ୍ଥା ହେବା ଉତ୍ରୁ ଆଏଜ୍ତକ୍ ୮ ହଜାର୍ନୁ ଅଏତ୍କା ହିତାଧିକାରୀ ଫେର୍ ଘାଏ ପଞ୍ଜିକରଣ୍ କରିଛନ୍ । ହେନ୍ତା ୪ ନମ୍ବର୍ ଖେପ୍ର ପହେଲା କିସ୍ତି ସାହାଜ୍ ଟଙ୍କା ଖୋବ୍ ଜଲ୍ଦି ଦିଆଯିବା । ଇହାଦେ ବି ଦୁଇ ଲାଖ୍ନୁ ଅଏତ୍କା ଆବେଦନକାରୀ ସେମାନଙ୍କର ଇ-କେୱାଇସି ଅପ୍ଡେଟ୍ ନାଇଁ କରି । ହେଥିର୍ଲାଗି ସେମାନ୍କୁ ଇ-କେୱାଇସି ଜଲ୍ଦି ଅପ୍ଡେଟ୍ କର୍ବାର୍ ଲାଗି ବିଭାଗ୍ ତର୍ଫୁ ପରାମର୍ଶ ଦିଆଯାଇଛେ ।

ଅଣରାଜସ୍ୱ କାମ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜସ୍ୱ ବିଭାଗ୍ର ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଆଉ ଅମିନ୍ ଏତ୍କେ ଅଣରାଜସ୍ୱ କାମ୍ଥି ନିୟୋଜିତ୍

ନାଇଁହୁଅନ୍ । ରାଜସ୍ୱ ବିଭାଗ୍ ତର୍ଫୁ ଇ ବାବ୍ଦେ ଜିଲ୍ଲାପାଲ୍ମାନ୍କୁ ଚିଠି ଲେଖାଯାଇଛେ । ଜାଗା ଜାନିକରି ଜିଲ୍ଲାପାଲ୍ଙ୍କର୍ ଅନୁମୋଦନ୍ଥି ହିଁ ରାଜସ୍ୱ ବିଭାଗ୍ର ଇ କ୍ଷେତ୍ରୀୟ କର୍ମଚାରୀମାନ୍କୁ ଅଲ୍ଗା କାମ୍ଥି ନିୟୋଜିତ୍ କରାଯାଇପାର୍ବା ବଲି ଚିଠିଥି ଲେଖାଯାଇଛେ । ଇମାନ୍କୁ ଭିନ୍ ଭିନ୍ ସମିଆଥି ଅଲ୍ଗା କାମ୍ଥି ଲଗାଯାଉଥିବାର୍ନୁ ରାଜସ୍ୱ ସେବା ଯୁଗାବାର୍ଥି ଗୁରୁତର୍ ବାଧା ହେଉଛେ ।

କପିଳାସ- ହାପ୍ ମାରାଥନ୍ ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ତର୍ଫୁ କପିଳାସ୍ ହାପ୍ମାରାଥନ୍ର ଦୁଇ ନମ୍ବର୍ ସଂସ୍କରଣ୍ର ଶୁଭାରମ୍ଭ କରିଛନ୍ । ଜୈବ ବିବିଧତାଥି ଭରି ରହିଥିବା କପିଳାସ୍ର ସଂରକ୍ଷଣ୍ ଆର୍ ହାତୀମାନ୍କର୍ ସୁରକ୍ଷା ଲାଗି ଲୁକ୍କୁ ସଚେତନ୍ କରାବାର୍ ଲକ୍ଷ୍ୟଥି ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିବାର୍ନୁ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଶୁଭେଚ୍ଛା ଜନେଇଛନ୍ । ମାରାଥନ୍ଥି ଛାତ୍ରଛାତ୍ରୀଙ୍କର୍ ସହେତେ ଯୁବବର୍ଗ ଆର୍ ଅଲ୍ଗା ଲୋକ୍ମାନେ ଭାଗ୍ ନେଇଥିଲେ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଫିଟ୍

ଇଣ୍ଡିଆ ଆହ୍ୱାନ୍ ଅନ୍‌ସାରେ ଇ ମାରାଥନ୍ ସମାଜ୍‌ଥି ଲୋକ୍‌ମାନ୍‌କର୍ ସୁସ୍ଥ ଜୀବନ୍‌ଶୈଲୀ ଆର୍ ଶରୀର୍‌କେ ଭଲ୍ ରଖ୍‌ବାର୍ ସହେତେ ପରିବେଶ୍ ସୁରକ୍ଷା ଆର୍ ଇ ଅଂଚଲ୍‌ର ପର୍ଯ୍ୟଟନ୍‌ର ବିକାଶ୍ ଲାଗି ଭିଲ୍ ସଚେତନ୍ କରାବା । କପିଳାସ୍‌କେ ବିଶ୍ୱ ପର୍ଯ୍ୟଟନ୍ ଆର୍ ମାରାଥନ୍ ଦୌଡ଼୍‌ର୍ ମୁଖିଆ ଠାନ୍ ଭାବେ ପ୍ରତିଷ୍ଠିତ୍ କରାବାର୍‌ଥି ସାହାଜ୍ କର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ ।

## ରାମ୍‌ମନ୍ଦିର୍ ପ୍ରାଣପ୍ରତିଷ୍ଠା- ବଛର୍‌ପୂର୍ତି ହି.ସ.

ଉତର୍ ପ୍ରଦେଶର୍ ଅଯୋଧ୍ୟା ଠାନେ ଥିବା ରାମ୍‌ମନ୍ଦିର୍ ନ ରାମ୍‌ଲାଲାଙ୍କର୍ ମୂର୍ତିର୍ ପ୍ରାଣପ୍ରତିଷ୍ଠାର୍ ପହେଲା ବର୍ଷପୂର୍ତି ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଅଯୋଧ୍ୟା ଠାନେ ୩ ଦିନିଆ ଭବ୍ୟ ସମାରୋହ ଆଏଜ୍‌ଠାନୁ ମୁଲ୍ ହେଇଛେ । ଉତର୍‌ପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ୍ ଇ ସମାରୋହର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ରାମ୍‌ଲାଲାଙ୍କର୍ ଅଭିଷେକ୍ କରିଛନ୍ । ସମାରୋହଥି ତିʼ ଦିନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ରାମ୍‌କଥା ପାରାୟଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ରାମ୍‌ଲାଲାଙ୍କର୍ ପ୍ରାଣପ୍ରତିଷ୍ଠାର ପହେଲା ବଛର୍ ପୂର୍ତି ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ କହିଛନ୍ ଯେ, ବର୍ଷ

ବର୍ଷର୍ ତ୍ୟାଗ ଆର୍ ସଂଘର୍ଷର ବଲେ ତିଆର୍ ହେଇଥିବା ଇ ମନ୍ଦିର୍ ଆମର୍ ସଂସ୍କୃତି ଆର୍ ଆଧ୍ୟାତ୍ମର ମହାନ୍ ଐତିହ୍ୟ ଆଏ ଆଉ ଇଟା ବିକଶିତ୍ ଭାରତ୍‌ର ସଂକଳ୍ପ ସିଦ୍ଧିଥି ଗୁଟେ ବଡ଼ ପ୍ରେରଣା ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାମ୍‌ଲାଲାଙ୍କର୍ ପ୍ରାଣପ୍ରତିଷ୍ଠାର୍ ପହେଲା ବରସ୍ ପୂର୍ତି ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ ।

ମହାକୁମ୍ଭ ମେଳା ଏନ୍‌ଏସ୍‌ଡି

ଉତରପ୍ରଦେଶ୍‌ର ପ୍ରୟାଗ୍‌ରାଜ୍‌ଠାନେ ହେବାର୍‌କେ ଥିବା ମହାକୁମ୍ଭ ମେଳା-୨୦୨୫ ଲାଗି ଭାରତୀୟ ରେଲ୍‌ବାଇ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ । ଦେଶର୍ ଭିନ୍ ଭିନ୍ ଠାନୁ ପ୍ରୟାଗ୍‌ରାଜ୍‌କେ ଶ୍ରଦ୍ଧାଳୁଙ୍କର୍ ସୁବିଧାଥି ଯା'ଆସ୍ ଲାଗି ରେଲ୍ ବିଭାଗ୍ ତରଫ୍ ୧୦ ହଜାର୍‌ନୁ ଅଏତ୍‌କା ଖାସ୍ ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛେ । ଖାଲି ଅମୃତ୍ ସ୍ନାନ୍ ଦିବସ୍ ଲାଗି ୩ ହଜାର୍ ୩ ଶହ ଟା ଟ୍ରେନ୍‌ର୍ ବ୍ୟବସ୍ଥା କରାଯାଇଛେ । ଶ୍ରଦ୍ଧାଳୁଙ୍କର୍ ଲାଗି ଇତାର୍ ସହେତେ ଆର୍ ଭିନ୍ ଭିନ୍ ବ୍ୟବସ୍ଥା କରାଯାଇଛେ । ହେନ୍ତା ମେଳାଜାଗାକେ ଭକ୍ତଙ୍କୁ ସୁବିଧାଥି ପୁହୁଁଚାବାର୍ ଲାଗି ଉତର୍‌ପ୍ରଦେଶ୍ ସରକାରଙ୍କର ତର୍‌ଫୁ ଭିଲ୍ ୩୫୦ ଲୋକାଲ୍ ବସ୍ ବ୍ୟବସ୍ଥା କରାଯାଇଛେ ।

ଲାଲ୍‌ବାହାଦୂର୍ ଶାସ୍ତ୍ରୀ-ପୂଣ୍ୟତିଥି ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ୨ ନମ୍ବର୍ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌ବାହାଦୂର୍ ଶାସ୍ତ୍ରୀଙ୍କର୍ ପୂଣ୍ୟତିଥି ନ ଦେଶ୍‌ବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ମାନବିକ ମୂଲ୍ୟବୋଧର ପ୍ରତୀକ୍ ସ୍ୱର୍ଗତ ଶାସ୍ତ୍ରୀ ବିଶ୍ୱଶାନ୍ତି ଉପ୍‌ରେ ଜୋର୍ ଦେଉଥିଲେ । ତାଙ୍କର୍ ପ୍ରଧାନ୍‌ମନ୍ତ୍ରୀତ୍ୱ ସମିଆଥି ତାସ୍‌କେଁଟ୍ ଠାନେ ଭାରତ୍ ଆର୍ ପାକିସ୍ଥାନ୍ ଭିତ୍‌ରେ ଶାନ୍ତି ଥାପ୍‌ନା ପ୍ରକ୍ରିୟା ମୁଲ୍ ହେଇଥିଲା । ଲାଲ୍‌ବାହାଦୂର୍ ଶାସ୍ତ୍ରୀ ଲବଣ ସତ୍ୟାଗ୍ରହ ଆର୍ ଭାରତ୍‌ଛାଡ୍ ଆନ୍ଦୋଲନ୍‌ଥି ମୁଖିଆ ଭୂମିକା ନେଇଥିଲେ ।

ଲାଲ୍‌ବାହାଦୂର୍ ଶାସ୍ତ୍ରୀଙ୍କର୍ ପୂଣ୍ୟତିଥି ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଝନେ ଜନନାୟକ୍ ହିସାବେ ସ୍ୱଦେଶୀ ବିଚାର୍, ସରଲ୍ ଜୀବନ୍ ଶୈଲୀ ଆର୍ ଦେଶେ ଶାନ୍ତି ଥାପ୍‌ନା କର୍‌ବାର୍ ଦିଗେ ତାଙ୍କର୍ ଯୋଗ୍‌ଦାନ୍ ଭୁଲିନାଇଁହୁଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇକରି କହିଛନ୍, ତାଙ୍କର୍ ସରଳତା, ସୁଚିନ୍ତା ଆର୍ ତ୍ୟାଗ ଭାରତୀୟ ରାଜନୀତିକେ ଗୁଟେ ନୂଆଁ ଦିଗ୍ ଦେଇଛେ । ତାଙ୍କର୍ ସ୍ଲୋଗାନ୍ ଜୟଜବାନ୍ ଜୟକିଷାନ୍ ଆଏଜ୍ ଭିଲ୍ ଦେଶ୍‌ବାସୀଙ୍କୁ ଡହଁକଉଛେ ।

ବର୍‌ଗଡ୍‌ ଧନୁଯାତ୍ରା ବର୍‌ଗଡ୍‌ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ୯ ନମ୍ବର୍‌ ଦିନେ ମଥୁରା ନଗରୀ ନ ମଥୁରା ଆମ୍ରବନଥି ମୁନିରଷିଙ୍କର୍‌ ଉପ୍‌ରେ କଂସଙ୍କର୍‌ ଅତ୍ୟାଚାର୍‌, ରୁଦ୍ରଶୁକ ପ୍ରାପ୍ତି, ଶିବ ତାଣ୍ଡବ୍‌, କୃଷ୍ଣବଳରାମ୍‌ଙ୍କର୍‌ ମଥୁରା ପ୍ରବେଶ୍‌ଦୃଶ୍ୟ ଦେଖ୍‌ବାର୍‌କେ ମିଲ୍‌ବା । ସେନ୍ତା ଗୋପପୁର ନ କୃଷ୍ଣ, ବଳରାମଙ୍କର୍‌ ବିଦାୟ ଉତ୍ସବ୍‌, ଶ୍ରୀକୃଷ୍ଣ, ବଳରାମ୍‌ଙ୍କୁ ନେଇକରି ଅକ୍ରୁରଙ୍କର୍‌ ମଥୁରା ଗମନ୍‌ ବାଗିର୍‌ ଦୃଶ୍ୟ ଅଭିନୟ କରାଯିବା ।

ଇ ଅବ୍‌ସରେ ଓର୍‌ମାସ୍‌ ଆର୍‌ ଜିଲ୍ଲା ପ୍ରଶାସନ୍‌ ତର୍‌ଫୁ ପଲ୍ଲିଶ୍ରୀ ମେଳା ଆଏବା ୧୩ ତାରିଖ୍‌ତକ୍‌ ଚାଲ୍‌ବା । ଇଥି ଜିଲ୍ଲା ଆର୍‌ ଜିଲ୍ଲା ବାହାରୁ ଭିନ୍‌ ଭନ୍‌ ହସ୍ତତନ୍ତ ଆର୍‌ ଘର୍‌ସଜା ଦରବ୍‌ ବିକ୍ରିବଟା ହେଉଛେ ।

ଭିତର୍‌କନିକା-ମଗର୍‌ ଗନ୍‌ତି ଆର୍‌ଏନ୍‌ୟୁ/ କଟକ୍‌

ଭିତର୍‌କନିକା ଜାତୀୟ ଉଦ୍ୟାନ୍‌ଥି ଆଏବା ୧୪ ତାରିଖ୍‌ନୁ ମଗର୍‌ ଗନ୍‌ତି କରାଯିବା । ଜଙ୍ଗଲ୍‌ ବିଭାଗ୍‌ ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ଆଏବା ୨୨ ତାରିଖ୍‌ତକ୍‌ ଗନ୍‌ବାର୍‌ କାମ୍‌ ଚାଲ୍‌ବା । ଇଥିର୍‌ଲାଗି ଇ ସମିଆ ଭିତ୍‌ରେ

ଭିତର୍‌କନିକାକେ ପର୍ଯ୍ୟଟକ୍‌ମାନ୍‌କର୍ ଯିବାର୍‌ଟା ବନ୍ଦ୍ କରାଯାଇଛେ ।

ସ୍ୱାସ୍ଥ୍ୟ ମନ୍ତ୍ରୀ- ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ଦୁଇଦିନିଆ ବଲାଙ୍ଗିର୍ ଗସ୍ତଥି ଆସିକରି ଲୁଇସିଂହା ଡାକ୍ତର୍‌ଖାନା ନ ରୋଗୀକଲ୍ୟାଣ୍ ସମିତି ବୈଠକ୍ ଥି ଯୋଗ୍ ଦେଇଥିଲେ । ସର୍‌କାର୍ ଯକ୍ଷ୍ମାରୋଗୀ ମାନ୍‌କୁ ଫି’ ମାସ ହଜାରେ ଟଙ୍କା ଲେଖା ଦେବେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହେବାର୍ ସହେତେ ଲୁଇସିଂହା ହସ୍‌ପିଟାଲ୍ ନ ଫେବୃଆରୀ ମାସର୍ ପହେଲା ହପ୍ତାନୁ ଡାଇଲିସିସ୍ ଆରମ୍ଭ ହେବା ବଲି କହିଛନ୍ ।

ଜୁନିଅର୍ ରେଡ଼କ୍ରସ୍- ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ହାଇସ୍କୁଲ୍ ଠାନେ ଜୁନିଅର୍ ରେଡ଼କ୍ରସ୍‌ର ଜିଲ୍ଲାସ୍ତରୀୟ ସାଧାରଣ୍ ପରିଷଦ୍ ବୈଠକ୍ ହେଇଯାଇଛେ । ଆଏବା ୨୦ ତାରିଖ୍‌ନୁ ସର୍‌ସରା ଠାନେ ହେବାର୍‌କେ ଥିବା ୩ ଦିନିଆ ଜୁନିଅର୍ ରେଡ଼କ୍ରସ୍‌ର ଜିଲ୍ଲା ଶିକ୍ଷା ଆର୍ ତାଲିମ୍ ଶିବିର୍ ଲାଗି ଫି’ ବିଦ୍ୟାଲୟନୁ କାଉନ୍‌ସିଲର୍ ମାନେ ଯୋଗ୍‌ଦେବାର୍ ଲାଗି ବୈଠକ୍‌ଥି ଥିର୍ କରାଯାଇଛେ ।

ଜିଲ୍ଲାର୍ ଭିନ୍ ଭିନ୍ ହାଇସ୍କୁଲ୍‌ର ପ୍ରଧାନ୍ ଶିକ୍ଷକ୍ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ନେଇକରି ୮ ଟା କମିଟି ଗଠନ୍ କରାଯିବାର୍ ସହେତେ ଗୁଟେ ରକ୍ତଦାନ୍ ଶିବିର୍ ଆୟୋଜନ୍ ଲାଗି ଭିଲ୍ ନିଷ୍ପତି ନିଆଯାଇଛେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ହେବା । ପହେଲା ମେଚ୍ ସଞ୍ଜ୍‌ବେଲର୍ ୬ ବଜୁ ସୁର୍‌ମା ହକି କ୍ଲବ୍ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ଚାଲିଛେ । ସେନ୍ତା ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଦିଲ୍ଲୀ ଏସ୍‌ଜି ପାଇପର୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ହେବା ।

ପାଣିପାଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଶୀତ୍ କମ୍‌ବା ଆର୍ ଆଏବା ୩ ଦିନ୍‌ତକ୍ ପାଗ୍ ଶୁଖା ରହେବା ।  ଗଲାକାଏଲ୍ ୧୦ ସହରର୍ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିଅସ୍‌ନୁ ତଲେ ରେକର୍ଡ଼ କରାଯାଇଥିଲା ।